## କାର୍ଯ୍ୟସୂଚୀ

| | | |
|---|---|---|
| ୯.୩୦-୧୧.୦୦ | : | ମାଆଙ୍କୁ ନେଇ କବିତା ପାଠୋତ୍ସବ |
| ୧୧.୦୦-୧୧.୩୦ | : | ଚମ୍ପା ମଦର୍ ଆୱାର୍ଡ଼ ପ୍ରଦାନ ଉତ୍ସବ |
| ୧୧.୩୦- ୧୨.୦୦ | : | ଅମୃତା କନ୍ୟାଙ୍କୁ ସହାୟତା ପ୍ରଦାନ |
| ୧୨.୦୦ - ୧.୩୦ | : | ଅତିଥିମାନଙ୍କ ଅଭିଭାଷଣ |
| ୧.୩୦ - ୧.୪୦ | : | ଅତିଥିମାନଙ୍କୁ ସ୍ମୃତିଫଳକ ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ |

## ଅମୃତା ଫାଉଣ୍ଡେସନର କେତେକ ମୁଖ୍ୟ ଲକ୍ଷ୍ୟ

- ଆର୍ଥିକ ଅନଗ୍ରସର ତଥା ଗରିବ ଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା।
- ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଜବୁତ୍ କରିବା।
- ଦିବ୍ୟାଙ୍ଗ ତଥା ଅନଗ୍ରସରମାନଙ୍କ ପାଇଁ ଆର୍ଥିକ ତଥା ଜୀବିକାର ବନ୍ଦୋବସ୍ତ କରିବା।
- ଆଧ୍ୟାତ୍ମିକ ତଥା ମୂଲ୍ୟବୋଧଭିତ୍ତିକ ଗ୍ରନ୍ଥର ପ୍ରକାଶନ କରିବା।
- ବିଜ୍ଞାନ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା।
- ବିଜ୍ଞାନ ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା।
- ବିପନ୍ନଙ୍କୁ ସହାୟତା ପ୍ରଦାନ କରିବା।
- ମା'ଙ୍କୁ ସମ୍ମାନ ପ୍ରଦର୍ଶନ କରିବା।




## ଯୋଗାଯୋଗ:

୯୪୩୭୪୯୭୮୭୮, ୯୪୩୭୧୭୭୫୭୫, ୯୭୭୮୩୩୧୭୩୦

ନିମନ୍ତ୍ରଣ



# ଅମୃତୋତ୍ସବ-୨୦୨୬

ସଂସ୍କୃତି ଭବନ, ଜଗତ୍‌ସିଂହପୁର

ତା: ୧୩.୯.୨୦୨୬, ରବିବାର, ଦିବା ୧୦ ଘଟିକା




ଅମୃତା

ଅମୃତା ଫାଉଣ୍ଡେସନ୍, ଭୁବନେଶ୍ୱର

# ଚମ୍ପା ମଦର୍ ଆୱାର୍ଡ-୨୦୨୬






ଶ୍ରୀମତୀ ସବିତା ମିଶ୍ର

ଆଜ୍ଞା ପ୍ରଣାମ !

ମାଆ !

'ମା' ରେ ମାଟି । 'ଆ' ରେ ଆକାଶ ।

ସିଏ ଥାଏ ବୋଲି ଥାଏ ଦୁନିଆଁ । ଥାଏ ହସଖୁସି ।

ଗହନ ଅନ୍ଧାର ଭିତରେ ବି ଚେନାଏ ଆଲୁଅ ଦିଶେ ଆଖିକୁ ।

ତେଣୁ ଆମର ଏକ ବିଚାର ଥିଲା- କେମିତି ହେବ; ଯଦି ପ୍ରଭିଭାଦୀପ୍ତ ସନ୍ତାନକୁ ସମ୍ମାନିତ କରିବା ବଦଳରେ ସମ୍ମାନିତ କରାଯାଏ ତାଙ୍କର ଜନ୍ମଦାତ୍ରୀଙ୍କୁ ।

ସେଇ ନ୍ୟାୟରେ ଆମ୍ଭେ ଆମ ଦିବଂଗତା ମାତା ବିଶିଷ୍ଟ-ଆଧ୍ୟାତ୍ମିକବାଦୀ ତଥା ସମାଜସେବୀ ଚମ୍ପାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରୁଛୁ **'ଚମ୍ପା ମଦର ଆୱାର୍ଡ'** ପ୍ରଦାନ ଉତ୍ସବ। **ଏହା ଚଳିତ ବର୍ଷ ପାଇଁ ସମର୍ପିତ ହେଉଛି ପଦାର୍ଥ ବିଜ୍ଞାନର ବରିଷ୍ଠ ବୈଜ୍ଞାନିକ, ବିଜ୍ଞାନ କ୍ଷେତ୍ରରେ ତଥା ସମାଜସେବା ପାଇଁ ଅନେକ ସମ୍ମାନରେ ସମ୍ମାନିତ ହୋଇଥିବା ଡ. ତପନ ମିଶ୍ରଙ୍କ ମାତା ଶ୍ରୀମତୀ ସବିତା ମିଶ୍ରଙ୍କୁ । ଶିକ୍ଷକତାର ପବିତ୍ର ବ୍ରତକୁ ଆପଣେଇ ଶିକ୍ଷାଦାନ ସାଙ୍ଗକୁ ସୁଗୃହିଣୀର ଭୂମିକା ତୁଲାଇଥିବା ସେଇ ମା' ଡ. ତପନ ମିଶ୍ରଙ୍କ ଭଳି ଜଣେ ସୁନାମଧନ୍ୟ ପଦାର୍ଥ ବିଜ୍ଞାନୀଙ୍କୁ ଗଢ଼ିତୋଳିଛନ୍ତି । ପ୍ରକାଶଥାଉକି ପ୍ରଫେସର ମିଶ୍ର ଜଗତସିଂହପୁର ମାଟିର ଗର୍ବ ଓ ଗୌରବ।**

ଏ କାର୍ଯ୍ୟକ୍ରମକୁ ଆପଣ ଆସିବେ । ନିଶ୍ଚୟ ଆସିବେ ।
ନିଜ ପାଇଁ ନୁହେଁ, ନିଜ ଜନ୍ମଦାତ୍ରୀଙ୍କ ପାଇଁ କୃତଜ୍ଞତାର ସମୟ ଟିକେ ଦେବାକୁ।
ଆପଣାର ମା'ର ସ୍ମୃତିକୁ ସ୍ମରଣ କରି ଧନ୍ୟ ହେବାକୁ ।

ନିବେଦକ
**ଡ. ଅଭୟ କୁମାର ନାୟକ**
ଅଧ୍ୟକ୍ଷ, ଅମୃତା ଫାଉଣ୍ଡେସନ

"ନିକିତିର ଗୋଟିଏ ପଲାରେ **ମା'** କୁ ଏବଂ ଆର ପଲାରେ
ବିଶ୍ୱର ସମସ୍ତ ଐଶ୍ୱର୍ଯ୍ୟକୁ ରଖ ଯଦି ତଉଲା ଯାଏ,
**ମା'**ର ପଲା ହିଁ ଭାରିହେବ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।"

# ଅମୃତା

## ଏହି ଉତ୍ସବର ବରେଣ୍ୟ ଅତିଥିମାନେ ହେଲେ

ଉଦ୍‌ଘାଟକ



**ବାବାଜୀ ସନ୍ତ ସୁଜାତାନନ୍ଦ ଦାସ ମହାରାଜ**
ଗୌରାଙ୍ଗ ମଠ, ପୁରୀ

ମୁଖ୍ୟ ଅତିଥି



**ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର**
ପ୍ରାକ୍ତନ ନିର୍ଦ୍ଦେଶକ, ଏମ୍ସ, ଭୁବନେଶ୍ୱର

ସମ୍ମାନିତ ଅତିଥି



**ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ**
କୁଳପତି, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା

ସମ୍ମାନିତ ଅତିଥି



**ଡ. ଚିତ୍ତରଞ୍ଜନ ମିଶ୍ର**
ପ୍ରାକ୍ତନ ବୈଜ୍ଞାନିକ, ନାଲକୋ, ଭୁବନେଶ୍ୱର

ମୁଖ୍ୟ ବକ୍ତା



**ଡ. ପଦ୍ମିନୀ ସ୍ୱାଇଁ**
ପ୍ରାକ୍ତନ ପ୍ରମୁଖ ବୈଜ୍ଞାନିକ,
କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ

ସଭାପତି



**ଡ. ବଟକିଶୋର ରାୟ**
ନିର୍ଦ୍ଦେଶକ, ଅମୃତା ଫାଉଣ୍ଡେସନ

**ଚଳିତବର୍ଷ ଉତ୍ସବରେ ୨୭ଜଣ ଛାତ୍ରୀଙ୍କୁ 'ଅମୃତା କନ୍ୟା' ରୂପେ ଗ୍ରହଣ କରାଯିବ।**
**ଉକ୍ତ ଉତ୍ସବରେ ଆପଣଙ୍କର ସଦୟ ଉପସ୍ଥିତି କାମନା କରୁଅଛୁ।**